# Akashvani, Sambalpur

## SAMBALPURI NEWS EVENING BULLETIN

## 3 February 2026 - 7.02 pm- 7.12 pm.

*********************************************

୧- ଯାଜ୍‌ପୁର୍ ଆଉ ବାଲେଶ୍ୱର୍ ଗସ୍ତ ସାରିକରି ପୁରୀ ନ ପୁହଁଚିଲେ ରାଷ୍ଟ୍ରପତି ।

- ଆଏବା କାଏଲ୍ ଶ୍ୱେତଗଙ୍ଗା ନ ପିଣ୍ଡଦାନ୍ କର୍‌ବାର୍ ସହେତେ ଶ୍ରୀମନ୍ଦିର୍ ନ ମାହାପୁରୁଙ୍କର୍ କର୍‌ବେ ଦର୍ଶନ୍ ।

୨- ଆଏବା ୬ ତାରିଖ୍‌ଦିନ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ଗଞ୍ଜାମ୍ ଜିଲ୍ଲା ନ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନାର୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

- ୨ ଶହ ୧ ଝିଅଙ୍କର୍ କଲେ କନ୍ୟାଦାନ୍ ।

ଆଉର୍

୪- ଜାତୀୟ ପାରା ତୀରନ୍ଦାଜୀ ଚମ୍ପିଆନ୍‌ସିପ୍‌ଥି ଓଡ଼ିଶାକେ ମିଲ୍‌ଲା ୨ ଟା ପଦକ୍ ।

ରାଷ୍ଟ୍ରପତି- ଓଡ଼ିଶା        ପୁରୀ/ଯାଜ୍‌ପୁର୍ ସମ୍ବାଦଦାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜ୍‌ପୁର୍ ଆଉ ବାଲେଶ୍ୱର୍ ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଉତ୍‌ରୁ ଆଏଜ୍ ସଞ୍ଜ୍‌ବେଲା ପୁରୀକେ ପୁହୁଁଚିଛନ୍ । ପୁରୀ ତାଲ୍‌ବଣିଆ ପଡ଼ିଆ ନ ରାଷ୍ଟ୍ରପତିଙ୍କର୍ ବିମାନ୍ ପୁହୁଁଚିବାର୍ ଉତ୍‌ରୁ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ତାଙ୍କୁ ସ୍ୱାଗତ୍ କରିଥିଲେ ।

ରାଷ୍ଟ୍ରପତି ଆଏଜ୍ ସଖାଲ୍‌ବେଲା ଯାଜ୍‌ପୁର୍ ମା ବିରଜା କ୍ଷେତ୍ରକେ ଯାଇକରି ନାଭିଗୟା କୁଣ୍ଡ ନ ପିତୃପୁରୁଷଙ୍କୁ ପିଣ୍ଡଦାନ୍ କରିଥିଲେ । ତାର୍ ଉତ୍‌ରୁ ରାଷ୍ଟ୍ରପତି ମା ବିରଜାଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ମନ୍ଦିର୍ ପରିସର୍ ନ ଥିବା ଇଶାନେଶ୍ୱର ଶହେ ୮ ଶିବଲିଙ୍ଗ ଦର୍ଶନ୍ କରିଥିଲେ । ଇ ଅବ୍‌ସରେ ଜିଲ୍ଲା ଆଉ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ବିରଜା ମନ୍ଦିର୍ ସମ୍ପ୍ରସାରଣ୍ ଆଉ ସୌନ୍ଦର୍ଯ୍ୟକରଣ୍ ବାବଦେ ରାଷ୍ଟ୍ରପତିଙ୍କୁ ସୂଚ୍‌ନା ଦିଆଯାଇଥିଲା । ତାର୍ ଉତ୍‌ରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବାଲେଶ୍ୱର୍ ଜିଲ୍ଲା ଫକୀର୍‌ମୋହନ୍ ବିଶ୍ୱବିଦ୍ୟାଳୟର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଇଥିଲେ । ଇତାର୍ ସହେତେ ବିଶ୍ୱବିଦ୍ୟାଳୟ ପରିସର୍ ନ ନୂଆଁକରି ତିଆରି ହେଇଥିବା ପ୍ରେକ୍ଷାଳୟର୍ ଭିଲ୍ ଉଦ୍‌ଘାଟନ୍

କରିଛନ୍ । ଇ ଅବ୍ସରେ ଉଦ୍ବୋଧନ୍ ଦେଇକରି ରାଷ୍ଟ୍ରପତି କହିଛନ୍...

(ଭଏସ୍ ଓଭର୍-ରାଷ୍ଟ୍ରପତି)

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଏଜ୍ ପୁରୀ ନ ରାତ୍ରୀଯାପନ୍ କର୍ବେ । ଆଏବା କାଏଲ୍ ଶ୍ୱେତଗଙ୍ଗା ନ ପିତୃପୁରୁଷଙ୍କୁ ପିଣ୍ଡଦାନ୍ କର୍ବାର୍ ଉତ୍ରୁ ଶ୍ରୀମନ୍ଦିର୍କେ ଯାଇକରି ମାହାପୁରୁମାନ୍କର୍ ଦର୍ଶନ୍ କର୍ବେ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ର ୯ ନମ୍ବର୍ ସଂସ୍କରଣ୍ଥି ଆଏବା ୬ ତାରିଖ୍ ଦିନ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ଭିନ୍ ଭିନ୍ ଇଲାକାର୍ ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ଭାବ୍ ବିନିମୟ କର୍ବେ । ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଗୁଟେ ନୂଆଁ ରୂପ୍ଥି ଆସୁଛେ । ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ପ୍ରଧାନ୍ମନ୍ତ୍ରୀ ଭିନ୍ ଭିନ୍ ଜାଗା ବୁଲି କରି ମାର୍ଗଦର୍ଶନ୍ କର୍ବେ । ପ୍ରଧାନ୍ମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ସାରା ଦେଶେ ଗୁଟେ ଆନ୍ଦୋଲନ୍ଥି ପରିଣତ୍ ହେବାର୍ ସହେତେ ଛାତ୍ରଛାତ୍ରୀମାନ୍କର୍ ଲାଗି ଚାପମୁକ୍ତ ପରୀକ୍ଷା ପରିବେଶ୍କେ ତହଁକଉଛେ । ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଲାଗି ପାଖାପାଖି ୭ କୋଟି ପଞ୍ଜିକରଣ୍

ହେଇକରି ଗୁଟେ ଐତିହାସିକ୍ ମାଇଲ୍‌ଖୁଂଟା ଥାପ୍‌ନା ହେଇଛେ ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନା      ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଞ୍ଜାମ୍ ଜିଲ୍ଲା ମା ତାରାତାରିଣୀ ପୀଠ ନ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନାର୍ ଶୁଭାରମ୍ଭ କରିଛନ୍ । ସାମୂହିକ୍ ବିବାହଥି ୨ ଶହ ୧ ଯୋଡ଼ିଙ୍କର୍ ବିହା କରାଯାଇଥିଲା । ଓଡ଼ିଆ ରୀତିନୀତି ଅନ୍‌ସାରେ ମୁଖ୍ୟମନ୍ତ୍ରୀ ବିହା ମଣ୍ଡପ୍ ନ କର୍ତା ଭାବେ ବସିକରି ହୋମକୁଣ୍ଡ ନ ଆହୁତି ଦେଇଥିଲେ । ସାମୂହିକ୍ ବିବାହଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କନ୍ୟାଦାନ୍ କରିକରି ଝି'ମାନେ ମା'ବାପାଙ୍କର୍ ଲାଗି ବୋଝ୍ ନୁହଁନ୍ ସେମାନେ ଭଗ୍‌ବାନ୍‌ଙ୍କର୍ ଆର୍ଶିବାଦ୍ ଆନ୍ ବଲି କହିଛନ୍ ।

(ଭଏସ୍ ଓଭର୍ -ମୁଖ୍ୟମନ୍ତ୍ରୀ)

ଆଝିରର୍ ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆଉ ସାଂସଦ୍‌ମାନେ ଉପସ୍ଥିତ୍ ଥିଲେ ।

ନୂଆଁ ଖଣିଜ ନିୟମ        ହି.ସ.

ରାଜ୍ୟ ସର୍କାର୍ ଖଣି ବ୍ୟବସାୟୀଙ୍କର୍ ଉପ୍ରେ ଅଙ୍କୁଶ୍ ଲଗାବାର୍ ଲାଗି ନୂଆଁ ଖଣିଜ ନିୟମ୍ ଲାଗୁ କରିଛନ୍ । ଇତାର୍‌ସହେତେ ବଜାର୍ ନ ବାଏଲ୍ ଆର୍ ପଥର୍ ଚଢ଼ାଦର୍ ରୁକ୍‌ବାର୍ ଲାଗି ସର୍କାର୍ ପହେଲାକରି ସର୍ବାଧିକ ବିକ୍ରିୟ ମୂଲ୍ୟ- ଏମ୍‌ଏସ୍‌ପି ଭିଲ୍ ଧାରିଜ୍ କରିଛନ୍ । ନୂଆଁ ନିୟମ୍ ଅନ୍‌ସାରେ ଏତ୍‌କର ନିଲାମ୍ ବଦ୍‌ଲେ ଇ ଲଟ୍‌ରୀ ଜରିଏ ଲିଜ୍‌ଧାରୀମାନ୍‌କୁ ବାଏଲ୍ ଆର୍ ପଥର୍ କ୍ୱାରି ଲିଜ୍‌ଥି ଦିଆଯିବା । ଲଘୁ ଖଣିଜ ସମ୍ପଦ୍ ଲାଗି ଆଉ ନିଲାମ୍ ନାଇଁ ଡକା ହୁଏ । ସର୍କାର୍‌ଙ୍କର୍ ତର୍‌ଫୁ ଧାରିଜ୍ ସ୍ଥିର ଅତିରିକ୍ତ ଦର୍‌ଥି ଇ-ଲଟ୍‌ରୀ ବ୍ୟବସ୍ଥା ଜରିଏ ଯୋଗ୍ୟ ବ୍ୟକ୍ତିମାନ୍‌କୁ ବଛାଯିବା । ଲିଜ୍ ପାଏବାର୍ ଲାଗି ଆବେଦନ୍‌କାରୀମାନେ ଏନ୍‌ଏସ୍‌ଟିସି ପୋର୍ଟାଲ୍‌ଥି ଫର୍ମ-ସି ଜରିଏ ଅନ୍‌ଲାଇନ୍ ଆବେଦନ୍ କରିପାର୍‌ବେ । ଆବେଦନ୍ ସହେତେ ପରିବାର୍‌ର ସବୁ ସଦସ୍ୟଙ୍କର୍ ନାଁ ଥିବା ଗୁଟେ ସତ୍ୟପାଠ ଭିଲ୍ ଦାଖଲ୍ କର୍‌ବେ । ସବୁ ପ୍ରକ୍ରିୟା ଡିଜିଟାଲ୍ ଜରିଏ କରାଯିବାର୍‌ନୁ କେନ୍‌ସି ହେର୍‌ଫେର୍ ଭିଲ୍ ହେଇନାଇପାରେ ।

ଉପନିର୍ବନ୍ଧକ କାର୍ଯ୍ୟାଳୟ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ଗୁରୁବାର୍‌ନୁ ୫୭ ଟା ଉପନିବନ୍ଧକ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ୍ ହେବା ବଲି ରାଜସ୍ୱ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ନୂଆଁ କାର୍ଯ୍ୟାଳୟ ମୁଲ୍ ହେବାର୍‌ନୁ ଜମି ଘିନାବିକା ଆଉ ପଞ୍ଜିକରଣ୍ ଜଲ୍‌ଦି ଆର୍ ସହଜ୍‌ଥି ହେଇପାର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ନଗର୍ ଉନ୍ନୟନ୍ ବିଭାଗ୍‌ର ନିର୍ଦ୍ଦେଶ୍        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ନୂଆଁକରି ଗଠିତ୍ ହେଇଥିବା ୭ ଟା ମ୍ୟୁନିସିପାଲ୍‌ଟି ଆଉ ୨୯ ଟା ଏନ୍‌ଏସି ଥି ସୀମା ପୁନଃନିର୍ଦ୍ଧାରଣ ଆଉ ଆସନ୍ ସଂରକ୍ଷଣ୍ କାମ୍ ଆଏବା ମାର୍ଚ୍ଚ ମାସ୍ ଶେଷ୍‌ତକ୍ ପୁରା କର୍‌ବାର୍‌କେ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ୧୮ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଆଏବା ୧୨ ତାରିଖ୍ ଦିନ ବିଜ୍ଞପ୍ତି ବାହାର୍‌ବାର୍ ସହେତେ ମତାମତ୍ ଆଉ ଆପତି ଅଭିଯୋଗ୍ ଦାଖଲ୍ ଲାଗି ଆଏବା ୨୧ ତାରିଖ୍‌ତକ୍ ସମିଆ ଧାରିଜ୍ କରାଯାଇଛେ । ମାର୍ଚ୍ଚ ୧୮ ନୁ ୨୮ ତାରିଖ୍ ଭିତ୍‌ରେ ଇତାର୍ ଉପ୍‌ରେ ଶୁଣାଣି କରାଯାଇକରି ୩୧ ତାରିଖ୍ ଦିନ ଚୂଡ଼ାନ୍ତ ବିଜ୍ଞପ୍ତି ବାହାରିବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ପ୍ରଦୂଷଣ୍ ପ୍ରମାଣ୍ପତ୍ର ସତ୍ୟପାଠ ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ପ୍ରଦୂଷଣ୍ ପ୍ରମାଣ୍ପତ୍ର ନାଇଁ ହେଲେ ଇନ୍ଧନ୍ ନାଇଁମିଲେ ଘଟ୍ନାକେ ନେଇକରି ହେଇଥିବା ମାମ୍ଲାଥି ପରିବହନ୍ କମିଶନର୍ ଆଏଜ୍ ଉଚ୍ଚନ୍ୟାୟାଳୟ ନ ସତ୍ୟପାଠ ଦାଖଲ୍ କରିଛନ୍ । ମାମ୍ଲାର୍ ଆଏବା ଶୁଣାଣି ଆଏବା ହପ୍ତା କର୍ବାର୍କେ ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ୍ ଦେଇଥିବାର୍ ଜନାପଡ଼ିଛେ ।

କୃଷ୍ଣସାର ମୃଗ ବୃଦ୍ଧି ଏକ୍ସ

ଗଞ୍ଜାମ୍ ଜିଲ୍ଲା ନ କୃଷ୍ଣସାର ମୃଗଙ୍କର୍ ସଂଖ୍ୟା ଇ ବଛର୍ ବଢ଼ିଛେ ବଲି ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ- ବନ୍ୟପ୍ରାଣୀ ପିସିସିଏଫ୍ ଡକ୍ଟର୍ କେ. ମୁରୁଗେସନ୍ ସୂଚ୍ନା ଦେଇଛନ୍ । ଡକ୍ଟର୍ ମୁରୁଗେସନ୍ଙ୍କର୍ ସୂଚ୍ନା ଅନ୍ସାରେ ଗଲାବଛର୍ଠାନୁ ଇ ବଛର୍ ଗଞ୍ଜାମ୍ ଜିଲ୍ଲା ନ କୃଷ୍ଣସାର ମୃଗଙ୍କର୍ ସଂଖ୍ୟା ୪ ଶହ ୯୮ ବଢ଼ିଛେ । ଗଲାବଛର୍ ମୃଗଙ୍କର୍ ସଂଖ୍ୟା ୮ ହଜାର୍ ୭ ଶହ ୮୯ ଥିଲା ବେଲ୍କେ ଇ ବଛର୍ ଇଟା ୯ ହଜାର୍ ୨ ଶହ ୮୭କେ ବଢ଼ିଛେ । ପ୍ରଶିକ୍ଷିତ ଟିମ୍, ଡ୍ରୋନ୍ ଆଉ ଏଆଇ ଜରିଏ ଜିଲ୍ଲା ନ କୃଷ୍ଣସାର ମୃଗ ଗନ୍ତି କରାଯାଇଥିଲା ବଲି ଶ୍ରୀ ମୁରୁଗେସନ୍ ସାମାଜିକ୍ ଗଣମାଧ୍ୟମ୍ଥି ସୂଚ୍ନା ଦେଇଛନ୍ ।

ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ୍/କଲାହାଣ୍ଡି ସମ୍ବାଦଦାତା

ମେରା ଯୁବା ଭାରତ୍ କଲାହାଣ୍ଡି ଶାଖା ଆଉ ଜିଲ୍ଲା ନ ଥିବା ସିଆର୍‌ପିଏଫ୍‌ର ୬୪ ବାଟାଲିୟନ୍ ତର୍‌ଫୁ ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ ଜରିଏ ଜିଲ୍ଲାର୍ ଭବାନୀପାଟ୍‌ନା ବ୍ଲକ୍‌ର ନକ୍ସଲ୍ ପ୍ରଭାବିତ୍ ଇଲାକାର୍ ୫୦ ଝନ୍ ଯୁଆନ୍ ପିଲାଟୁକେଲ୍ ଦେଶର୍ ଭିନ୍ ଭିନ୍ ଜାଗାକେ ଯାତ୍ରା କରିଛନ୍ । ଜମ୍ମୁ-କଶ୍ମୀର୍ ଆଉ ଦିଲ୍ଲୀ ଆନନ୍ଦ ଧାମ୍ ଆଶ୍ରମ୍ ନ ହେବାର୍‌କେ ଥିବାର୍ ଶିବିର୍‌ଥି ଇମାନେ ଯୋଗ୍ ଦେବେ । ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ଯାତ୍ରା କର୍‌ବାର୍ ଆଘୋନୁ ସିଆର୍‌ପିଏଫ୍ ଅଟାଙ୍ଗଗୁଡ଼ା କେମ୍ପ୍ ପରିସର୍ ନ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଅନ୍ତଃମହାବିଦ୍ୟାଳୟ ଆଲୋଚନାଚକ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟ ନ ଇଂରାଜୀ ବିଭାଗ୍ ତର୍‌ଫୁ ଅନ୍ତଃମହାବିଦ୍ୟାଳୟ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପ୍ରଫେସର୍ ନିରଞ୍ଜନ୍ ମିଶ୍ର ମୁଖ୍ୟଅତିଥି ଭାବେ

ଯୋଗ୍ ଦେଇଥିଲେ । ଅତିଥି ମାନେ ବିଷୟର୍ ଭିନ୍ ଭିନ୍ ଦିଗ୍‌କେ ନେଇକରି ଆଲୋଚନା କରିଥିଲେ ।

ହିନ୍ଦୁ ସମ୍ମିଲନୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ରାମେଶ୍ୱର୍ ମନ୍ଦିର୍ ପରିସର୍ ନ ହିନ୍ଦୁ ସମ୍ମିଲନୀ ହେଇଯାଇଛେ । ହିନ୍ଦୁ ସମାଜ୍‌ର ରାମେଶ୍ୱର୍ ବସତି ସଭାପତି ସୂର୍ଯ୍ୟନ୍ଦ୍ର ଶତ୍‌ପଥୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମ୍ମିଲନୀଥି ଅତିଥି ଭାବେ ଶ୍ୟାମ୍‌ସୁନ୍ଦର୍ ମହାପାତ୍ର, ରାଜ୍ୟ ସ୍ୱୟଂ ସେବକ ସଂଘର୍ ଜିଲ୍ଲା କାର୍ଯ୍ୟବାହ ଇନ୍ଦୁଭୂଷଣ ମହାକୁଳ ପ୍ରମୁଖ ଯୋଗ୍ ଦେଇଥିଲେ । ରାଷ୍ଟ୍ରର୍ ସୁରକ୍ଷା ଲାଗି ହିନ୍ଦୁ ସମାଜ୍ ଏକ୍‌ଜୁଟ୍ ହେବାର୍‌କେ ଇ ଅବ୍‌ସରେ ଆହ୍ୱାନ୍ ଦିଆଯାଇଥିଲା ।

ପିଜିଟି ଶିକ୍ଷକ୍ ଦିଗ୍‌ଦର୍ଶନ୍ କାର୍ଯ୍ୟକ୍ରମ୍ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ସର୍‌କାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆଉ ଉନ୍ନତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କର୍ ଦିଗ୍‌ଦର୍ଶନ୍ କାର୍ଯ୍ୟକ୍ରମ୍ ଭୁବ୍‌ନେଶ୍ୱର୍ ନ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୨ ଶହ ୪୦ ଝନ୍ ଶିକ୍ଷକ୍ ଶିକ୍ଷୟିତ୍ରୀ ଯୋଗ୍ ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି

ବ୍ରହ୍ମପୁର୍ ଉଚ୍ଚମାଧ୍ୟମିକ ଶିକ୍ଷା ଆଂଚଲିକ ନିର୍ଦ୍ଦେଶକ ରମେଶ୍ ଚନ୍ଦ୍ର ସେଠୀ ଯୋଗ୍ ଦେଇକରି ପିଜିଟି ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କୁ ଛାତ୍ର ଆଉ ଶିକ୍ଷକ୍‌ମାନ୍‌କର୍ ଭିତ୍‌ରେ ରହୁଥିବା ବ୍ୟବଧାନ୍‌କେ ଠାବ୍ କରିକରି ତାର୍ ସମାଧାନ୍ କର୍‌ବାର୍ ଉପ୍‌ରେ ଜୋର୍ ଦେବାର୍‌କେ ପରାମର୍ଶ ଦେଇଥିଲେ ।

ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିଅନ୍‌ସିପ     ଏକ୍ସ

ପଞ୍ଜାବ୍ ନ ଚାଲିଥିବା ସପ୍ତମ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିଅନ୍‌ସିପ୍‌ଥି ଓଡ଼ିଶାକେ ବଡ଼ ସଫଳତା ମିଲିଛେ । ପ୍ରତିଯୋଗିତାଥି ଓଡ଼ିଶାର୍ ପାରା ତୀରନ୍ଦାଜ୍ ପାୟଲ୍ ନାଗ୍ ୨ ଟା ପଦକ୍ ଜିତିଛନ୍ । ୫୦ ମିଟର୍ ବ୍ୟକ୍ତିଗତ ଦୂରତା ବର୍ଗଥି ପାୟଲ୍ ରୌପ୍ୟ ପଦକ୍ ଜିତିଥିଲା ବେଲ୍‌କେ ୫୦ ମିଟର୍ କମ୍ପାଉଣ୍ଡ୍ ଅଲିମ୍ପିକ୍ସ ରାଉଣ୍ଡ୍‌ଥି କାଂସ୍ୟପଦକ୍ ଜିତିଛନ୍ ।

ଏଫ୍‌ଏସ୍‌ଏସ୍‌ଏମ୍-ତାଲିମ୍ କର୍ମଶାଳା     ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଓଡ଼ିଶା ଅର୍ବାନ୍ ଏକାଡେମୀ ପରିସର୍ ନ

ଫିକଲ୍ ସ୍ଲଚ୍ ଆଉ ସେପ୍ଟେଜ୍ ପରିଚାଲନା - ଏଫ୍‌ଏସ୍‌ଏସ୍‌ଏମ୍ ଉପ୍‌ରେ ଗୁଟେ ତାଲିମ୍ କର୍ମଶାଳା ହେଇଯାଇଛେ । ଇ ଅବ୍‌ସରେ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ଉପସ୍ଥିତିଥି ରାଜ୍ୟର୍ ସହରାଂଚଲ୍ ପରିମଳ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ଗୁଟେ ତ୍ରିପାକ୍ଷିକ୍ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମ୍‌ବାର୍‌ଥି ଲାଗିଛେ । ଆଏବା ୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ରାତିର ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।